# Akashvani, Sambalpur

## SAMBALPURI NEWS BULLETIN

### 6 July 2025- 6.47- 6.52 am.

***********************************************

ସୁନାବେଶ　　　　　ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ସିଂହଦୁଆର ଆଗାଡ଼େ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତି ଆଏଜ୍ ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଶ୍ରୀ ହରିଶୟନ ଏକାଦଶୀ ତିଥିଥି ଆଏଜ୍ ଉପର୍‌ବେଲା ୫ ବଜେନୁ ରାତିର୍ ପାଖାପାଖି ୧୧ ବଜେତକ୍ ପ୍ରଭୁ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ୍ ଆର୍ ଦେବୀ ସୁଭଦ୍ରା ସୁନାବେଶଥି ଦର୍ଶନ୍ ଦେବେ । ସୁନାବେଶ ସମିଆଥି ରଥ ଉପ୍‌ରେ ପ୍ରଭୁଙ୍କର୍ ସନ୍ଧ୍ୟାଧୂପ, ମହାଦୀପ ଆଉ ବନ୍ଦାପନା କରାଯିବା । ରାତି ସୁନାବେଶ, ମଇଲମ କରାଯିବାର୍ ସହେତେ ମହାପ୍ରଭୁଙ୍କର୍ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଆର୍ ବଡ଼ସିଂହାର ଭୋଗ କରାଯିବା ବଲି ଜନାପଡ଼ିଛେ ।

ମହାପ୍ରଭୁଙ୍କର୍ ଦର୍ଶନ୍ ଲାଗି ଭକ୍ତମାନ୍‌କର୍ ଭିଡ଼ ଲାଗିଛେ । ଭକ୍ତମାନେ ଯେନ୍ତା ଶୃଙ୍ଖଲିତ୍ ଭାବେ ମାହାପୁରୁଙ୍କର୍ ଦର୍ଶନ୍ କରିପାର୍‌ବେ, ହେଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ । ମାର୍କେଟ୍ ଛକଠାନୁ କରାଯାଇଥିବା ବେରିକେଡ୍

ଦେଇକରି ଭକ୍ତମାନେ ପ୍ରବେଶ୍ କର୍‌ବାର୍ ସହେତେ ସିଂହଦୁଆର ଆଗାଡ଼େ ତିନ୍‌ହି ରଥକେ ପରିକ୍ରମା କରିକରି ଫିର୍‌ବାର୍ ବ୍ୟବସ୍ଥା କରାଯାଇଛେ । ସେଆଡ଼େ ଗଲାକାଏଲ୍ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର୍ ଛାଡ଼ିକରି ମାହାପ୍ରୁରୁ ବାହୁଡ଼ା ଯାତ୍ରାଥି ଶ୍ରୀମନ୍ଦିର୍‌କେ ଫିରିଛନ୍ । ନନ୍ଦିଘୋଷ ରଥ ଶ୍ରନଅର ଆଗାଡ଼େ ଲକ୍ଷ୍ମୀନାରାୟଣ୍ ଭେଟ ନୀତି ଉତ୍‌ରୁ ସିଂହଦୁଆର ଆଗାଡ଼େ ରାତିର ୯ ବାଜିକରି ୪୦ ମିନିଟ୍‌ତକ୍ ପୁହଁଚିଥିଲା । ରାତିସାରା ଭକ୍ତମାନେ ରଥ ଉପ୍‌ରେ ମାହାପ୍ରୁରୁ ଦର୍ଶନ୍ କରିଛନ୍ । ସେଆଡ଼େ ଆଏଜ୍ ସଖାଲୁ ମଙ୍ଗଲ୍‌ଆଲ୍‌ତୀ, ମଇଲମ, ତଡ଼ପଲାଗି ବାଗିର୍ ନୀତିକାନ୍ତି କରାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଗଲା ୩୦ ତାରିଖ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଲାଗି ପଞ୍ଜିକରଣ୍ କରିଥିବା ଅଭିଯୋଗ୍‌କାରୀମାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ କରିପାର୍‌ବେ । ଇ ବାବ୍‌ଦେ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ-ଜୟନ୍ତୀ   ଆର୍‌ଏନ୍‌ୟୁ/ ସମ୍ବଲପୁର

ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ଶହେ ୨୫ ତମ ଜୟନ୍ତୀ ସମାରୋହ ଆଏଜ୍ ହେବା । ଇ ଅବ୍‌ସରେ ସଖାଲର୍ ୧୦ ବଜେ ଭୁବ୍‌ନେଶ୍ୱର୍ ସତ୍‌ସଙ୍ଗ୍ ବିହାର୍ ଠାନେ ଥିବା ଡକ୍ଟର୍ ମୁଖାର୍ଜୀଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବାଚସ୍ପତି ସୁରମା ପାଢ଼ୀ ମାଲ୍ୟାର୍ପଣ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ତାର୍ ଉତ୍‌ରୁ ଜୟଦେବ୍ ଭବନ୍ ଠାନେ ହେବାର୍‌କେ ଥିବା ସାଧାରଣ୍ ସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଉତର୍‌ପ୍ରଦେଶ୍ ପ୍ରତିନିଧି ଦଲ୍               ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍‌ପ୍ରଦେଶ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଗୁଟେ ପ୍ରତିନିଧି ଦଲ୍ ଗଲା ୩ ତାରିଖ୍‌ନୁ ୪ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ । ଇ ଅବ୍‌ସରେ ଦଲ୍ ଓଡ଼ିଶାର୍ ବିପର୍ଯ୍ୟୟ ବାବ୍‌ଦେ ଆଗୁଆ ସତର୍କ ସୂଚ୍‌ନା ବ୍ୟବସ୍ଥା, ଗୋଷ୍ଠୀ ସହଯୋଗିତାଥି ବିପର୍ଯ୍ୟୟ ପରିଚାଲନା ଆଉ ଜରୁରୀ ପ୍ରତିକ୍ରିୟା ବାବ୍‌ଦେ ଅନୁଧ୍ୟାନ୍ କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ସମ୍ମିଲନୀ କକ୍ଷ ନ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ଓସ୍‌ଡମାର ପରିଚାଲନା

ନିର୍ଦ୍ଦେଶକଙ୍କର୍ ସହେତେ ଗୁଟେ ବୈଠକ୍ କରିକରି ଓଡ଼ିଶାର୍ ବିପର୍ଯ୍ୟୟ ପରିଚାଳନ ପଦକ୍ଷେପ୍ ବାବ୍ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ଦଲ୍ ରାଜ୍ୟ ସର୍‌କାର୍‌ଙ୍କର୍ ବିପର୍ଯ୍ୟୟ ପରିଚାଳନା ପଦକ୍ଷେପ୍ ମାନ୍‌କୁ ପ୍ରଶଂସା କରିଥିଲେ ।

ଆନ୍ତର୍ଜାତିକ ସମବାୟ ଦିବସ୍                ଆର୍‌ଏନ୍‌ୟୁ/ ସମ୍ବଲପୁର

ସମାଜ୍‌ର ତଲ୍‌ସ୍ତର୍ ନ ଥିବା ଲୁକ୍‌କର୍ ଜୀବନ୍‌ଥି ପରିବର୍ତନ୍ ଆନ୍‌ବାର୍ ଲାଗି ସମବାୟକେ ଅଏତ୍‌କା ବର୍‌କସ୍ କର୍‌ବାର୍ ସହେତେ ପ୍ରାଥମିକ ମତ୍ସ୍ୟ ଆଉ ଦୁଗ୍ଧ ସମବାୟ ସମିତି ଗଠନ୍ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ତର୍‌ଫୁ ହେଇଥିବା ଆନ୍ତର୍ଜାତିକ ସମବାୟ ଦିବସ୍ କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଶ୍ରୀ ବଲସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୨୦୩୬ ତକ୍ ସବୁ ଚାଷୀ ପରିବାର୍‌କେ ସମବାୟ ଅନୁଷ୍ଠାନ୍‌ଥି ସାମିଲ୍ କରାଯିବା ବଲି କହିଛନ୍ । ସମବାୟ ଅନୁଷ୍ଠାନ୍‌କେ ଓ୍ୱାନ୍ ଷ୍ଟପ୍ ସପ୍ ଥି ବଦ୍‌ଲା ଯାଇକରି ଗାଁ ଜୀବନ୍‌କେ ସମୃଦ୍ଧ କରାଯିବା । ୨୦୨୬ ତକ୍ ଫି' ପଂଚାୟତ୍ ନ ପେକ୍ସ ଥାପ୍‌ନା କରାଯିବା ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ କହିଛନ୍ ।

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର କାର୍ଯ୍ୟାଳୟ

ଆର୍‌ଏନ୍‌ୟୁ/ ସମ୍ବଲପୁର

କୁଚିଣ୍ଡା ନ ବନ୍ଦ୍ ଥିବା ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର କାର୍ଯ୍ୟାଳୟକେ ଫେର୍‌ଘାଏ ଗଲାକାଏଲ୍ ବାହୁଡ଼ା ଯାତ୍ରା ଅବ୍‌ସରେ ସାଧାରଣ୍ ଲୁକ୍‌କର୍ ଲାଗି ଖୁଲାଯାଇଛେ । ସ୍ଥାନୀୟ ବିଧାୟକ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଇତାକେ ଉଦ୍‌ଘାଟନ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୩ ବଛର୍ ହେଲା କୁଚିଣ୍ଡା ନ ଥିବା  ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର କାର୍ଯ୍ୟାଳୟ ଆଉ ପାଠାଗାର୍ ବନ୍ଦ୍ ରହିଥିଲା ।

ହୀରାକୁଦ୍- ବଢ଼ି ପାନି ଛଡ଼ାଯିବା          ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ଇ ବଛରର୍ ପହେଲା ବଏଢ଼୍ ପାଏନ୍ ଛଡ଼ାଯିବା । ସଖାଲର୍ ୧୦ ବଜେ ପୂଜା କରାଯାଇକରି ଡେବ୍ରିଫାଲ୍‌ର ୭ ନମ୍ବର୍ ସ୍ଲୁଇସ୍ ଗେଟ୍ ପହେଲା ଖୁଲାଯିବା । ପହେଲା ଖେପେ ୬ ନୁ ୮ ଟା ଗେଟ୍ ଖୁଲାଯିବା । ହୀରାକୁଦ୍ ବନ୍ଧା ନିୟନ୍ତ୍ରଣ କକ୍ଷ ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ବେଲ୍‌ବୁଡ଼୍‌ର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୮ ଦଶ୍‌ମିକ୍ ଶୂନ୍/୬ ଫୁଟ୍ ରହିଥିଲା । ପାଏନ୍ ଛଡ଼ାଯିବାର୍ ଲାଗି

ସବୁ ତୟାରି ଶେଷ୍ କରାଯିବାର୍ ସହେତେ ତଲ୍ ଇଲାକା ନ ଥିବା ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍‌ସହେତେ ନଦୀ ଭିତର୍‌କେ ନାଇଁ ଯିବାର୍ ଲାଗି ଲୁକ୍‌କୁ ମାଇକ୍‌ଥି ସୂଚ୍‌ନା ଦିଆଯାଇଛେ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତ ୩ ଥି ନାଁଲେଖାର୍ ୩ ନମ୍ବର୍ ଖେପ୍ ଶେଷ୍ ହେଇଛେ । ଆଏବା କାଏଲ୍‌ଠାନୁ ୱେଟିଂ ଲିଷ୍ଟ ଆଉ ସ୍ପଟ୍ ନାଁଲେଖା ପ୍ରକ୍ରିୟା ମୁଲ୍ ହେବା । ୧୦ ତାରିଖ୍ ଭିତ୍‌ରେ ଇଥିର୍‌ଲାଗି ଆବେଦନ୍‌ର ସୁଯୋଗ୍ ମିଲିପାର୍‌ବା ଆଉ ୧୨ ତାରିଖ୍ ଦିନ ମେଧା ତାଲିକା ବାହାର୍‌ବା । ହେଲେ ଆଏବା ୧୦ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା  ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଲଘୁଚାପ୍ ପ୍ରଭାବ୍‌ଥି ଜବର୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଆଏବା ୨ ଦିନ୍ ତକ୍ ରାଏଜେ ବର୍ଷା ଲାଗି

ରହେବା । ଆାଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ୍ ଓଡ଼ିଶା ସହେତେ ୨୩ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।